# Phone call between External Affairs Minister, Dr. S. Jaishankar and Foreign Minister of China, H.E. Mr. Wang Yi

February 26, 2021

---

# ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ଚୀନର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ୱାଙ୍ଗ ୟିଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ

**ଫେବୃଆରୀ 26, 2021**

1. ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଚୀନର ରାଷ୍ଟ୍ର କାଉନସିଲର ତଥା ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ୱାଙ୍ଗ ୟି ଗତକାଲି ଅପରାହ୍ନରେ ଫୋନ ଜରିଆରେ ବାର୍ତ୍ତାଳାପ କରିଥିଲେ। ଏହା 75 ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଦୁଇ ବୈଦେଶିକ ମନ୍ତ୍ରୀ ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ପରିସ୍ଥିତି ଏବଂ ଭାରତ-ଚୀନ ସମ୍ପର୍କର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ।

2. ସେପ୍ଟେମ୍ବର 2020 ରେ ମସ୍କୋଠାରେ ଚୀନ ବୈଦେଶିକ ମନ୍ତ୍ରୀଙ୍କ ସହ ହୋଇଥିବା ବୈଠକକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେଉଁଠାରେ ଚୀନ ପକ୍ଷର ଉତ୍ତେଜନାମୂଳକ ଆଚରଣ ତଥା ସ୍ଥିତି ପରିବର୍ତ୍ତନ ପାଇଁ ଏକପାଖିଆ ପ୍ରୟାସ ଉପରେ ଭାରତୀୟ ପକ୍ଷ ଉଦ୍ବେଗ ପ୍ରକାଶ କରିଥିଲେ। ଗତ ବର୍ଷ ତୁଳନାରେ ଦ୍ୱିପାକ୍ଷିକ ସମ୍ପର୍କ ଗୁରୁତର ଭାବେ ପ୍ରଭାବିତ ହୋଇଛି ବୋଲି ସେ ଦର୍ଶାଇଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତିଯେ ସୀମା ବିବାଦର ସମାଧାନ ପାଇଁ ସମୟ ଲାଗିପାରେ କିନ୍ତୁ ହିଂସା ଦ୍ୱାରା ଶାନ୍ତିଭଙ୍ଗ ଏବଂ ବିଶୃଙ୍ଖଳା ସୃଷ୍ଟି କଲେ ଏହା ନିଶ୍ଚିତ ଭାବେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଉପରେ ଖରାପ ପ୍ରଭାବ ପକାଇବ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତିଯେ ଗତ ବର୍ଷ ମସ୍କୋଠାରେ ହୋଇଥିବା ବୈଠକରେ ଉଭୟ ମନ୍ତ୍ରୀ ଏକମତ ହୋଇଥିଲେ ଯେ ସୀମାବର୍ତ୍ତୀ ଅଞ୍ଚଳର ପରିସ୍ଥିତି ଉଭୟ ପକ୍ଷର ହିତରେ ନୁହେଁ ଏବଂ ଉଭୟ ପକ୍ଷର ସୀମାରେ ସୈନ୍ୟମାନେ ସେମାନଙ୍କ କଥାବାର୍ତ୍ତା ଜାରି ରଖିବା ଉଚିତ ତଥା ଶୀଘ୍ର ସୈନ୍ୟ ପ୍ରତ୍ୟାହାର ଏବଂ ଉତ୍ତେଜନା ହ୍ରାସ କରିବା ଉଚିତ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଛନ୍ତିଯେ ଉଭୟ କୂଟନୈତିକ ଏବଂ ସାମରିକ ଚ୍ୟାନେଲ ମାଧ୍ୟମରେ ସେବେଠାରୁ ଉଭୟ ପକ୍ଷ ନିରନ୍ତର ଯୋଗାଯୋଗ ଜାରି ରଖିଛନ୍ତି। ଚଳିତ ମାସ ଆରମ୍ଭରେ ପାଙ୍ଗୋଙ୍ଗ ସୋ ହ୍ରଦ ଅଞ୍ଚଳରେ ଉଭୟ ପକ୍ଷ ସଫଳତାର ସହ ସୈନ୍ୟ ପ୍ରତ୍ୟାହାର କରିଥିବାରୁ କଥାବାର୍ତ୍ତାରେ ଅଗ୍ରଗତି ହୋଇଥିଲା।

4. ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଅସନ୍ତୋଷର ସମାପ୍ତିକୁ ଉଲ୍ଲେଖ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତିଯେ ଉଭୟ ପକ୍ଷ ବର୍ତ୍ତମାନ ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ କରିବା ଉଚିତ। ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତିଯେ ଥରେ ସମସ୍ତ ବିବାଦୀୟ ସ୍ଥଳୀରେ ଅସନ୍ତୋଷ ସମାପ୍ତ ହୋଇଗଲେ ଉଭୟ ପକ୍ଷ ଏହି ଅଞ୍ଚଳରେ ସୈନ୍ୟବାହିନୀର ବ୍ୟାପକ ପ୍ରତ୍ୟାହାର ତଥା ଶାନ୍ତି ଏବଂ ସୌହାର୍ଦ୍ଦର ପୁନରୁଦ୍ଧାର ଦିଗରେ କାର୍ଯ୍ୟ କରିପାରିବେ।

5. ରାଷ୍ଟ୍ର କାଉନସିଲର ତଥା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସୀମା ଅଞ୍ଚଳରେ ଶାନ୍ତି ଏବଂ ସୌହାର୍ଦ୍ଦର ପୁନରୁଦ୍ଧାର ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ସେ ଅନୁଭବ କରିଥିଲେଯେ ବାର୍ତ୍ତାଳାପର ଫଳାଫଳକୁ ଏକତ୍ର କରିବା ପାଇଁ ଉଭୟ ପକ୍ଷ ଉଦ୍ୟମ କରିବା ଉଚିତ। ବିଭିନ୍ନ ସ୍ତରରେ ପହଞ୍ଚିଥିବା ସାଧାରଣ ବୁଝାମଣାକୁ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରିବା ମଧ୍ୟ ଆବଶ୍ୟକ। ସୀମା ଅଞ୍ଚଳରେ ପରିଚାଳନା ଏବଂ ନିୟନ୍ତ୍ରଣରେ ଉନ୍ନତି ଆଣିବାର ଆବଶ୍ୟକତା ବିଷୟରେ ସେ କହିଥିଲେ।

6. ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଛନ୍ତିଯେ ଉଭୟ ପକ୍ଷ ସର୍ବଦା ସହମତ ହୋଇଥିଲେଯେ ଦ୍ୱିପାକ୍ଷିକ ସମ୍ପର୍କର ବିକାଶ ପାଇଁ ସୀମା ଅଞ୍ଚଳରେ ଶାନ୍ତି ରକ୍ଷା ଏକାନ୍ତ ଆବଶ୍ୟକ। ବର୍ତ୍ତମାନର ବିବାଦୀୟ ପରିସ୍ଥିତିକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଜାରି ରଖିବା ଉଭୟ ପକ୍ଷ ହିତରେ ନଥିଲା। ତେଣୁ ଆବଶ୍ୟକ ଥିଲା ଯେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ ଦିଗରେ ଉଭୟ ପକ୍ଷ କାର୍ଯ୍ୟ କରିବା ଉଚିତ। ଏହି କ୍ଷେତ୍ରରେ ସୈନ୍ୟ ପ୍ରତ୍ୟାହାର କରିବା ବିଷୟରେ ଚିନ୍ତା କରିବା ପାଇଁ ସମସ୍ତ ବିବାଦୀୟ ସ୍ଥଳୀରେ ଉତ୍ତେଜନା ହ୍ରାସ ହେବା ଆବଶ୍ୟକ ଥିଲା। ଏହା ଶାନ୍ତି ଏବଂ ସୌହାର୍ଦ୍ଦର ପୁନରୁଦ୍ଧାର କରିବ ଏବଂ ଆମର ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ପାଇଁ ସହାୟକ ହେବ।

7. ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏହା ମଧ୍ୟ କହିଛନ୍ତିଯେ ଭାରତୀୟ ପକ୍ଷ ଏହି ସମ୍ପର୍କର ଆଭିମୁଖ୍ୟ ଭାବରେ 'ତିନୋଟି ପାରସ୍ପରିକ' (ପାରସ୍ପରିକ ସମ୍ମାନ, ପାରସ୍ପରିକ ସମ୍ବେଦନଶୀଳତା ଏବଂ ପାରସ୍ପରିକ ସ୍ୱାର୍ଥ) ପ୍ରସ୍ତାବ ଦେଇଛନ୍ତି। ଆମ ସମ୍ପର୍କର ଦୀର୍ଘକାଳୀନ ଦୃଷ୍ଟିକୋଣର ଗୁରୁତ୍ୱ ଉପରେ ମଧ୍ୟ ସେ ସହମତ ହୋଇଛନ୍ତି। ଯୋଗାଯୋଗରେ ରହିବାକୁ ଏବଂ ଦୁଇ ଦେଶ ମଧ୍ୟରେ ହଟଲାଇନ ସେବା ସ୍ଥାପନ କରିବାକୁ ଦୁଇ ମନ୍ତ୍ରୀ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**
**ଫେବୃଆରୀ 26, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.